# ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

**ସମିତି ସର୍କୁଲାର ନଂ.୨୩/୨୦୧୯ ତା.୧୨.୦୯.୨୦୧୯**

ଏତଦ୍ ଦ୍ୱାରା ସମଲେଶ୍ୱରୀ ଦୁଗ୍ଧ ସଂଘ ଅନ୍ତର୍ଗତ ସମସ୍ତ ସମିତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଡେପୁଟୀ ଜେନେରାଲ ମ୍ୟାନେଜର (ପି.ଏଣ୍ଡ.ଆଇ), ଓମ୍‌ଫେଡ୍, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା – ୩୦୭୦ ତା.୧୦.୦୯.୨୦୧୯ ଦ୍ୱାରା ଜଣାଇଛନ୍ତି ଯେ, ଦୁଗ୍ଧ ସମିତିର ସଭ୍ୟ/ସଭ୍ୟାମାନଙ୍କୁ ଦୁଗ୍ଧ ଉତ୍ପାଦନ ହ୍ରାସ ସମୟର ସହଯୋଗ ରାଶି (Lean Incentive) ବାବଦକୁ ଦୁଗ୍ଧ ଲିଟର ପ୍ରତି ଟ.୨.୦୦ (ଦୁଇ ଟଙ୍କା ମାତ୍ର) ସହଯୋଗ ରାଶି ଓମ୍‌ଫେଡ୍ ତରଫରୁ ଚାଷୀମାନେ ଯୋଗାଉଥିବା ଦୁଗ୍ଧ ପରିମାଣ ମୁତାବକ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ରେ ଦିଆଯିବ । ଏହା ସେପ୍ଟେମ୍ବର-୨୦୧୯ ରୁ ମାର୍ଚ୍ଚ-୨୦୨୦ ପର୍ଯ୍ୟନ୍ତ ୭ମାସ ପାଇଁ ଦିଆଯିବ । ଏଥିପାଇଁ ସମସ୍ତ ସମିତି ଉକ୍ତ ସହଯୋଗ ରାଶି ର ତାଲିକା ପ୍ରତ୍ୟେକ ମାସର ୩ ତାରିଖ ସୁଦ୍ଧା ନିଜ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା ମାଧ୍ୟମରେ ଆବେଦନ କରିବେ ଏବଂ ଉକ୍ତ ମାସିକ ତାଲିକାକୁ ଓମ୍‌ଫେଡ୍, ଭୁବନେଶ୍ୱରଙ୍କୁ ପଠାଗଲା ପରେ ତାହା ସିଧାସଳଖ ସଭ୍ୟ/ସଭ୍ୟାମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ରେ ଜମା ହେବ ।

ଏଣୁ ସମିତିମାନେ ସ୍ଥାନୀୟ ଦୁଗ୍ଧ ବିକ୍ରି ବନ୍ଦ କରିବେ ନଚେତ୍ ସହଯୋଗ ରାଶି ଦିଆଯାଇପାରିବ ନାହିଁ ।

ସାଧାରଣ ପରିଚାଳକ

**ସୂଚନା କ୍ରମାଙ୍କ ନଂ. ୬୦୨୨ ତା.୧୨.୦୯.୨୦୧୯**

ନକଲ ପାଇବେ -୧. ସମସ୍ତ ସମିତି/ ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା/ ଅଂଚଳ ଭାରପ୍ରାପ୍ତ ଅଧିକାରୀ

୨. ଡେପୁଟୀ ଜେନେରାଲ୍ ମ୍ୟାନେଜର (ପି.ଏଣ୍ଡ. ଆଇ ଓ ସି.ଏସ୍.ଏସ୍), ଓମଫେଡ୍, ଭୁବନେଶ୍ୱର ।

୩. ଡେପୁଟୀ ଜେନେରାଲ୍ ମ୍ୟାନେଜର (ଅର୍ଥ), ଓମଫେଡ୍, ଭୁବନେଶ୍ୱର ।

୪. ପି.ଏ, ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍, ଭୁବନେଶ୍ୱର.......ପରିଚାଳନା ନିର୍ଦ୍ଦେଶକ ଓମଫେଡ୍, ଙ୍କ ଅବଗତ ନିମନ୍ତେ ।

ସାଧାରଣ ପରିଚାଳକ